# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 4 April - 2025

### News Editor : Tapan Kumar Maharana

********************************

## ମୁଖ୍ୟ ସମ୍ବାଦ

- ଓ୍ୱାକଫ ସଂଶୋଧନ ବିଧେୟକ ସଂସଦରେ ପାରିତ ହେବା ନେଇ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା
- ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ପାଳନ କରାଯାଉଛି ଓଡ଼ିଆରେ ନାମଫଳକ ବ୍ୟବହାର ସମ୍ପର୍କିତ ଅଭିଯାନ
- ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହରରେ ଆରମ୍ଭ ହେଲା ମା' ବୁଢ଼ୀଠାକୁରାଣୀଙ୍କ ଦ୍ୱି-ବାର୍ଷିକ ଯାତ୍ରା

ଏବଂ

- ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ରବିବାର ପର୍ଯ୍ୟନ୍ତ କାଳବୈଶାଖୀ ପ୍ରଭାବ ଜାରି ରହିବ ବୋଲି ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା

# ରାଜ୍ୟସଭା - ୱାକଫ୍ ବିଲ୍

ୱାକଫ୍ ସଂଶୋଧନ ବିଧେୟକ-୨୦୨୫ (ଉମିଦ୍) ଗତକାଲି ରାଜ୍ୟସଭାରେ ପାରିତ ହୋଇଯାଇଛି। ବିଧେୟକ ଉପରେ ଦୀର୍ଘ ସମୟ ଧରି ଆଲୋଚନା ପରେ ଭୋଟ୍ ଗ୍ରହଣ କରାଯାଇଥିଲା। ବିଧେୟକ ସପକ୍ଷରେ ୧୨୮ଟି ଓ ବିପକ୍ଷରେ ୯୫ଟି ଭୋଟ୍ ମିଳିଥିଲା । ରାଜ୍ୟସଭାରେ ଗୃହୀତ ହେବା ପୂର୍ବରୁ ଗତକାଲି  ଲୋକସଭାରେ ଏହି ବିଲ୍ ସପକ୍ଷରେ ୨୮୮ ଜଣ ଏବଂ ବିପକ୍ଷରେ ୨୩୨ ଜଣ ସାଂସଦ ମତଦାନ କରିଥିଲେ । ସଂସଦର ଉଭୟ ଗୃହରେ ଅନୁମୋଦନ ଲାଭ ପରେ ବିଲ୍‌ଟିକୁ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଁ ପଠାଯିବ । ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇବା ପରେ ୱାକଫ୍ ସଂଶୋଧନ ବିଧେୟକ-୨୦୨୫ (ଉମିଦ୍) ଆଇନରେ ପରିଣତ ହେବ।

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ୱାକଫ୍ ସଂଶୋଧନ ବିଲ୍ କୌଣସି ଧର୍ମ ସହିତ ସଂଶ୍ଳିଷ୍ଟ ନୁହେଁ। ଏହା କେବଳ ମୁସଲ୍‌ମାନ୍ ସମ୍ପ୍ରଦାୟର ୱାକଫ୍ ସମ୍ପତ୍ତି ଉପରେ ଆଇନ ଅଣାଯାଇଛି। ୱାକଫ୍ ବୋର୍ଡ଼ର ସମ୍ପତ୍ତି ସହିତ ଏହି ବିଲ୍ ଜଡ଼ିତ ଏବଂ ୱାକଫ୍ ବୋର୍ଡ଼କୁ ସମାବେଶୀ ଓ ଧର୍ମ ନିରପେକ୍ଷ କରିବାପାଇଁ ସରକାର ଚାହାନ୍ତି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂସଦର ଉଭୟ ଗୃହରେ ୱାକଫ ବିଲ୍ ଗୃହୀତ ହେବା ନେଇ ପ୍ରଶଂସା କରିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ୱାକଫ ସଂଶୋଧନ ବିଲ୍ ଗୃହୀତ ହେବା

ସାମାଜିକ-ଆର୍ଥିକ ନ୍ୟାୟ, ପାରଦର୍ଶୀତା ଏବଂ ସମାବେଶୀ ଅଭିବୃଦ୍ଧି ପାଇଁ ସାମୂହିକ ପ୍ରୟାସର ଏକ ଯୁଗାନ୍ତକାରୀ ମୁହୂର୍ତ୍ତ।

## ଓଡ଼ିଆ ପକ୍ଷ-ନାମଫଳକ

ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ପ୍ରଚାର ଓ ପ୍ରସାର କରିବାପାଇଁ ଚଳିତ ମାସ ପହିଲାରୁ ଆରମ୍ଭ ହୋଇଥିବା 'ଓଡ଼ିଆ ପକ୍ଷ'ର ଚତୁର୍ଥ ଦିନରେ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ 'ଓଡ଼ିଆରେ ନାମଫଳକ ବ୍ୟବହାର ସମ୍ପର୍କିତ ଅଭିଯାନ' ଦିବସ ପାଳନ କରାଯାଉଛି ।

**କେନ୍ଦ୍ରାପଡା** ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ପକ୍ଷରୁ ଏହି ଅବସରରେ ଓଡ଼ିଆ ନାମ ଫଳକ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସଚେତନତା ବାର୍ତ୍ତାରେ ଜିଲ୍ଲାର ବିଭିନ୍ନ ଦୋକାନ ବଜାରରେ ଓଡ଼ିଆରେ ନାମଫଳକ ବ୍ୟବହାର ବାଧ୍ୟତାମୂଳକ କରାଯାଇଛି। ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସଚେତନତା ରଥର ଶୁଭାରମ୍ଭ କରାଯାଇଛି।

ସେହିପରି **ଭଦ୍ରକ** ଜିଲ୍ଲା ପ୍ରଶାସନ ଏବଂ ଶ୍ରମ ବିଭାଗ ପକ୍ଷରୁ ଓଡ଼ିଆରେ ନାମଫଳକ ବ୍ୟବହାର ପାଇଁ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ଲା-କାର୍ଡ ଧରି ଓଡ଼ିଆରେ ନାମଫଳକ ଏବଂ ସମସ୍ତ କାର୍ଯ୍ୟ ଓଡ଼ିଆରେ ଲେଖିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏ ସଂପର୍କରେ ଜିଲ୍ଲାପାଳ କହିଛନ୍ତି...

## -V/O-*(Collector)*

**ଗଜପତି** ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଆୟୋଜିତ ଓଡ଼ିଆରେ ନାମଫଳକ ଅଭିଯାନ ଓ ସଚେତନତା ପଦଯାତ୍ରାକୁ ଜିଲ୍ଲାପାଳ ବିଜୟ କୁମାର ଦାଶ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ସହରର ସମସ୍ତ ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନ ଏବଂ ବସ୍‌ଗୁଡ଼ିକରେ ନାମ ଫଳକକୁ ଓଡ଼ିଆ ଭାଷାରେ ଲେଖିବା ନିମନ୍ତେ ଅନୁରୋଧ କରାଯାଇଛି ।

**ନୂଆପଡା** ଜିଲ୍ଲା ଖରିଆର ରୋଡ ବିଜ୍ଞପିତ ଅଞ୍ଚଳ ପରିଷଦ ଓ ଜିଲ୍ଲା ଶ୍ରମ ବିଭାଗର ମିଳିତ ଆନୁକୂଲ୍ୟରେ ଏହି ଅବସରରେ ଆୟୋଜିତ ଶୋଭାଯାତ୍ରା ସହର ପରିକ୍ରମା କରିଛି । ସମସ୍ତ ଦୋକାନ ବଜାର, ବାଣିଜ୍ୟ ପ୍ରତିଷ୍ଠାନ, ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକରେ ଓଡ଼ିଆ ଭାଷାରେ ନାମଫଳକ ଲଗାଇବା ପାଇଁ ବାର୍ତ୍ତା ଦିଆଯାଇଛି ।

**ନବରଙ୍ଗପୁର** ଜିଲ୍ଲା ଶ୍ରମ ବିଭାଗ ଆନୁକୂଲ୍ୟରେ ଓଡ଼ିଆ ନାମଫଳକ ଅଭିଯାନ ଆରମ୍ଭ ହୋଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ  ଏକ ସଚେତନତା ରଥ ବାହାରି ସହର ପରିକ୍ରମା କରିଥିଲା ।

ଗତକାଲି ତୃତୀୟ ଦିନରେ 'ଆମ ପୋଷାକ, ଆମ ପରିଚୟ' ଦିବସ ପାଳନ କରାଯାଇଥିଲା ।

**ଓଡ଼ିଆ ପକ୍ଷ - ସ୍ୱତନ୍ତ୍ର ୱେବ୍‌ସାଇଟ୍**

ରାଜ୍ୟରେ ଓଡ଼ିଆ ପକ୍ଷ ପାଳନକୁ ନେଇ ଏକ ସ୍ୱତନ୍ତ୍ର ୱେବସାଇଟ odiapakhya.com ଆରମ୍ଭ କରାଯାଇଛି। ୱେବସାଇଟରେ ଓଡ଼ିଆ ପକ୍ଷ ପାଳନ ସମ୍ବନ୍ଧୀୟ ସମସ୍ତ ବିବରଣୀ ସହ କୁଇଜ୍ ରଖାଯାଇଛି। ଏଥିରେ ଓଡ଼ିଶାର ବରପୁତ୍ର ଏବଂ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସମ୍ବନ୍ଧୀୟ ପ୍ରଶ୍ନ ରହିଛି। କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ସମସ୍ତ ପ୍ରତିଯୋଗୀଙ୍କୁ ଅନ୍‌ଲାଇନ୍ ଜରିଆରେ ଡିଜିଟାଲ୍ ପ୍ରମାଣପତ୍ର ପ୍ରଦାନ କରାଯାଉଛି। ଏଥିସହିତ ନିଜ ବିଦ୍ୟାଳୟ, ମହାବିଦ୍ୟାଳୟ, ବ୍ଲକ, ଜିଲ୍ଲାରେ ଓଡ଼ିଆ ପକ୍ଷ ପାଳନ ପରିପ୍ରେକ୍ଷୀରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜର ସେଲ୍ଫି ମଧ୍ୟ ଏହି ଓଡ଼ିଆ ପକ୍ଷ ୱେବସାଇଟରେ ଅପଲୋଡ୍ କରାଯାଇପାରୁଛି। ସୂଚନାଯୋଗ୍ୟ, ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ଓଡ଼ିଆ ପକ୍ଷ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ପାଳିତ ହେବ।

## ଦ୍ୱି-ବାର୍ଷିକ ଯାତ୍ରା

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁର ସହରରେ ଆରାଧ୍ୟା ଦେବୀ ମା' ବୁଢ଼ୀଠାକୁରାଣୀଙ୍କ ଦ୍ୱି-ବାର୍ଷିକ ଯାତ୍ରା ଆରମ୍ଭ ହୋଇଛି। ଘଣ୍ଟ, ଢୋଲ, ମହୁରୀ, ନୃତ୍ୟଗୀତ ସହ ଭକ୍ତଙ୍କ ଗହଣରେ ମା' ବୁଢ଼ୀଠାକୁରାଣୀ ବାପ ଘରକୁ ଯିବା ପାଇଁ ମନ୍ଦିରରୁ ବାହାରିଛନ୍ତି। ମା'ଙ୍କ ଆଗମନକୁ ନେଇ ଦେଶୀ ବେହେରାସାହି ସମେତ ସମଗ୍ର ସହର ଉତ୍ସବମୁଖର ହୋଇଉଠିଛି। ଆଜି ମା' ବୁଢ଼ୀଠାକୁରାଣୀ ଅସ୍ଥାୟୀ ମଣ୍ଡପରେ ବିଶ୍ରାମ ନେଉଛନ୍ତି। ଶନିବାରଦିନଠାରୁ ସାହିଘାଟ ପରିକ୍ରମା କରିବେ। ମନ୍ଦିର ନିକଟରେ ଶାନ୍ତିଶୃଙ୍ଖଳା ରକ୍ଷାପାଇଁ

ପୁଲିସ ବିଭାଗର ନିୟନ୍ତ୍ରଣ କକ୍ଷ, ସ୍ୱାସ୍ଥ୍ୟ ବିଭାଗ ଏବଂ ଅଗ୍ନିଶମ ବିଭାଗର କାର୍ଯ୍ୟାଳୟ ଖୋଲାଯାଇଛି । ଦେଶୀ ବେହେରା ସାହି ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଛି ।

ସୂଚନାଯୋଗ୍ୟ, ଏହି ଯାତ୍ରା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ । ୨୬ ଦିନର ଏହି ଯାତ୍ରା ପାଇଁ ଗତମାସ ୧୨ ତାରିଖରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା ।

## ମାରାଗୁଡା ଲୋକମହୋତ୍ସବ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇଦିନିଆ **ନୂଆପଡା** ଜିଲ୍ଲା ଗସ୍ତରେ ଯାଇ ଆଜି ମାରାଗୁଡା ଲୋକମହୋତ୍ସବ-୨୦୨୫ରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ନୂଆପଡାଠାରେ ଗାୟତ୍ରୀ ମନ୍ଦିର ପରିଦର୍ଶନ କରିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି। ଜିଲ୍ଲାରେ ଚାଲିଥିବା ମାରାଗୁଡ଼ା ଲୋକମହୋତ୍ସବ ଆସନ୍ତାକାଲି ଉଦ୍‌ଯାପିତ ହେବ। ସ୍ଥାନୀୟ ମିନିଷ୍ଟାଡିୟମ୍‌ଠାରେ ଆୟୋଜିତ ରାଜ୍ୟସ୍ତରୀୟ ପଲିଶ୍ରୀ ମେଳାରେ ୧୬୦ଟି ଷ୍ଟଲ୍ ଖୋଲାଯାଇଛି।

## ନୂଆ ପାଠ୍ୟକ୍ରମ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ-ସିବିଏସ୍‌ଇ ପକ୍ଷରୁ ଚଳିତ ଶିକ୍ଷାବର୍ଷଠାରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଇଁ ନୂଆ ପାଠ୍ୟକ୍ରମ ଘୋଷଣା କରାଯାଇଛି। ପାଠ୍ୟକ୍ରମରେ ଦକ୍ଷତା ସମ୍ପନ୍ନ ଶିକ୍ଷା ସୁଯୋଗକୁ ବ୍ୟାପକ କରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ସିବିଏସ୍‌ଇ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ପାଠ୍ୟକ୍ରମରେ କମ୍ପ୍ୟୁଟର ଆପ୍ଲିକେଶନ, ସୂଚନା ପ୍ରଯୁକ୍ତିବିଦ୍ୟା କିମ୍ବା

କୃତ୍ରିମ ବୁଦ୍ଧିମତା-ଏ.ଆଇ. ମଧ୍ୟରୁ ଗୋଟିଏ ବିଷୟକୁ ବାଧ୍ୟତାମୂଳକ କରାଯାଇଛି ।

## ଯୁଗ୍ମ ଶୁଣାଣି

ରାଜ୍ୟର ସମସ୍ତ ଜିଲ୍ଲାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଶୁଣାଣି ଆସନ୍ତା ୭ ତାରିଖରେ ହେବ । ଏଥିନିମନ୍ତେ ଆଜି ସକାଳ ୧୧ଟାରେ ଅନ୍‌ଲାଇନ୍ ମାଧ୍ୟମରେ ପଞ୍ଜୀକରଣ ଆରମ୍ଭ ହୋଇଛି । ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ବ୍ୟବହାର କରି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ ପାଇଁ ପଞ୍ଜୀକରଣ କରିପାରିବେ ବୋଲି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ବିଡିଏ-ରାଜସ୍ୱ ଗ୍ରାମ

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ବିଡିଏ ସହିତ ସମୁଦାୟ ୧୪୩ଟି ନୂତନ ରାଜସ୍ୱ ଗ୍ରାମକୁ ସାମିଲ କରିବା ନେଇ ଅନୁମୋଦନ ମିଳିଛି । ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷର ୧୫୦ତମ ବୈଠକରେ ସ୍ଥିର କରାଯାଇଛି । ସହର ସମ୍ପ୍ରସାରଣ ଯୋଜନାବଦ୍ଧ ବିକାଶକୁ ପ୍ରୋତ୍ସାହନ କରିବା ଏବଂ ଭିତ୍ତିଭୂମିର ଉନ୍ନତି ତଥା ଦ୍ରୁତ ସହରୀକରଣରେ ରହିଥିବା ସମସ୍ୟାର ସମାଧାନ କରିବା ଦିଗରେ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଏହି ନୂତନ ଗ୍ରାମଗୁଡ଼ିକ ମିଶିବା ପରେ ବିଡିଏ ଅଧିକାର କ୍ଷେତ୍ରରେ ମୋଟ ଗ୍ରାମ ସଂଖ୍ୟା ୭୧୨ରେ ପହଞ୍ଚିବ ।

## ଶ୍ରାଦ୍ଧ ଦିବସ - ରଘୁ-ଦିବାକର

ସହିଦ୍ ରଘୁ-ଦିବାକରଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ଆଜି ଭୁବନେଶ୍ୱର ଜୟଦେବ ଭବନଠାରେ ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ସୂଚନା ଓ ଲୋକସମ୍ପର୍କ ବିଭାଗ, ରାଜ୍ୟସ୍ତରୀୟ ସହିଦ ରଘୁ-ଦିବାକର ସ୍ମୃତିକମିଟି ଏବଂ ରଣପୁର ସାଂସ୍କୃତିକ ପରିଷଦ' ଭୁବନେଶ୍ୱର'ର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଶ୍ରାଦ୍ଧ ଦିବସ ଉପଲକ୍ଷେ ଆଜି ସକାଳେ ଭୁବନେଶ୍ୱର ୟୁନିଟ୍-୯ ସ୍ଥିତ ସହିଦ ରଘୁ-ଦିବାକରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନେ ମାଲ୍ୟାର୍ପଣ କରିଥିଲେ।

କେନ୍ଦ୍ରମନ୍ତ୍ରୀ **ଧର୍ମେନ୍ଦ୍ର ପ୍ରଧାନ** ଏହି ଅବସରରେ ସହିଦ୍ ରଘୁନାଥ ମହାନ୍ତି ଓ ଦିବାକର ପରିଡାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶାର ଗଡଜାତ ଆନ୍ଦୋଳନରେ ସେମାନଙ୍କର ବଳିଦାନ ଚିରସ୍ମରଣୀୟ ହୋଇ ରହିବ।

## ହକି

ଉତ୍ତରପ୍ରଦେଶର ଝାନ୍ସୀସ୍ଥିତ ମେଜର ଧ୍ୟାନଚନ୍ଦ ହକି ଷ୍ଟାଡିୟମ୍‌ଠାରେ ଆଜିଠାରୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଜାତୀୟ ବରିଷ୍ଠ ପୁରୁଷ ହକି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଓଡ଼ିଶା ୮ ତାରିଖରେ ମଧ୍ୟପ୍ରଦେଶ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଡିଭିଜନ୍-ଏରେ ଥିବା ଗତ ସଂସ୍କରଣର ବିଜେତା ଓଡ଼ିଶା ଓ ଉପବିଜେତା ହରିୟାଣା ସହ ୧୨ଟି ଦଳ ରହିଛନ୍ତି। ଏହି ୧୨ଟି ଦଳକୁ ୪ଟି ପୁଲ୍‌ରେ ଭାଗ କରାଯାଇଛି। ଓଡ଼ିଶା ପୁଲ୍-ଏରେ ପଞ୍ଜାବ

ଓ ମଧ୍ୟପ୍ରଦେଶ ସହ ରହିଥିବାବେଳେ ପୁଲ-ବିରେ ହରିୟାଣା, ମହାରାଷ୍ଟ୍ର ଓ ଝାଡଖଣ୍ଡ ଏବଂ ପୁଲ୍-ସିରେ ଉତ୍ତରପ୍ରଦେଶ, ତାମିଲନାଡୁ, ବେଙ୍ଗଲ ଏବଂ ପୁଲ୍-ଡିରେ ମଣିପୁର, କର୍ଣ୍ଣାଟକ ଓ ପୁଡୁଚେରୀ ରହିଛନ୍ତି।

## ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ୬ ତାରିଖ ଯାଏଁ କାଳବୈଶାଖୀ ପ୍ରଭାବ ଜାରି ରହିବ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତାପମାତ୍ରା ୨ ରୁ ୩ ଡିଗ୍ରୀ ବୃଦ୍ଧି ପାଇବ ବୋଲି ମଧ୍ୟ ପୂର୍ବାନୁମାନ କରାଯାଇଛି। ଆଜି ରାଜ୍ୟର କେତେକ ସ୍ଥାନରେ ଘଡଘଡି ସହ ମଧ୍ୟମ ଧରଣର ବର୍ଷା ହେବା ସହିତ ୪୦ ରୁ ୫୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ଏ ନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ ସମେତ ୨୧ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି।

ସେହିପରି ଆସନ୍ତାକାଲି ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲା ପାଇଁ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଦିଆଯାଇଛି।

*********************************